ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/SME(Od)/1035/15-09-2023**

# ତୃତୀୟ ପର୍ଯ୍ୟାୟ ଅନ୍‌ଲାଇନ୍ ଆଡମିଶନ- ୨୦୨୩-୨୪

ଭୁବନେଶ୍ୱର,୧୫/୦୯/୨୦୨୩:

ଶିକ୍ଷା ବର୍ଷ ୨୦୨୩-୨୪ର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଅନ୍‌ଲାଇନ୍ ଆଡମିଶନ ପ୍ରକ୍ରିୟା ସରିଲା ପରେ ମୋଟ ୫,୨୦,୯୨୦ ଆସନ ମଧ୍ୟରୁ ୪,୧୧,୮୨୬ ଜଣ ବିଦ୍ୟାର୍ଥୀ ଏକାଦଶ ଶ୍ରେଣୀ ପାଇଁ ନାମ ଲେଖାଇଛନ୍ତି । ଦଶମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଥିବା ଯେଉଁ ଛାତ୍ରଛାତ୍ରୀ ଅଦ୍ୟାବଧି ଏକାଦଶ ଶ୍ରେଣୀରେ ନାମ ଲେଖାଇ ନାହାନ୍ତି, ତାଙ୍କୁ ପୁନଶ୍ଚ ସୁଯୋଗ ଦେବା ନିମିତ୍ତ ତୃତୀୟ ପର୍ଯ୍ୟାୟ ଅନ୍‌ଲାଇନ୍ ଆଡମିଶନ ଆସନ୍ତା ତା ୦୪.୧୦.୨୦୨୩ ରିଖ ଠାରୁ ଆରମ୍ଭ ହେବାକୁ ଯାଉଅଛି । ଇଚ୍ଛୁକ ଛାତ୍ରଛାତ୍ରୀ ମାନେ www.samsodisha.gov.in ୱେବ୍‌ସାଇଟ ମାଧ୍ୟମରେ ଆଡମିଶନ ସମ୍ପର୍କୀୟ ସବିଶେଷ ବିବରଣୀ ଜାଣିବା ସହିତ ଅନ୍‌ଲାଇନ୍ ଆବେଦନ କରିପାରିବେ । ଆବେଦନର ଶେଷ ତାରିଖ ହେଉଛି ୦୮.୧୦.୨୦୨୩ (ରାତି ୧୧.୫୫) । ଏହି ନାମ ଲେଖା ପ୍ରକ୍ରିୟାର ମେଧା ତାଲିକା ତା ୧୧.୧୦.୨୦୨୩ ରିଖ (ଦିନ ୧୧.୦୦) ପ୍ରକାଶ ପାଇବ ଏବଂ ଏହାର ଆଡମିଶନ ପ୍ରକ୍ରିୟା ତା.୧୩.୧୦.୨୦୨୩ ରୁ ୧୪.୧୦.୨୦୨୩ ମଧ୍ୟରେ ସମ୍ପାଦନ କରାଯିବ । ସେହିପରି ଅପେକ୍ଷା ତାଲିକା (ୱେଟିଂ ଲିଷ୍ଟ)ରେ ଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କର ପଞ୍ଜିକରଣ ଓ ଆଡମିଶନ ତା ୧୬.୧୦.୨୦୨୩ ରିଖରୁ ତା.୧୯.୧୦.୨୦୨୩ ରିଖ ମଧ୍ୟରେ ସମାପନ କରାଯିବ ।

ସଚ୍ଚିଦାନନ୍ଦ ବେହେରା
ସୂଚନା ଅଧିକାରୀ